# ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି-ପ୍ରଦାନ) ନିୟମାବଳୀ, ୨୦୦୭

**ଭାରତର ରାଜପତ୍ର, ଅସାଧାରଣ, ଭାଗ -୨, ଖଣ୍ଡ-୩ ଏବଂ ଉପଖଣ୍ଡ (ଆଇ),**

**ତାରିଖ ୧ ଜାନୁଆରି, ୨୦୦୮ରେ ପ୍ରକାଶନ ପାଇଁ**

**ଜନଜାତି ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀ, ୧ ଜାନୁୟାରୀ, ୨୦୦୮**

## ବିଜ୍ଞପ୍ତି

**ଜି.ଏସ୍.ଆର୍.** ..........(ଇ), - ଯେହେତୁ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି-ପ୍ରଦାନ) ଆଇନ୍, ୨୦୦୬ (୨୦୦୭ର ଆଇନ୍ ସଂଖ୍ୟା-୨)ର ଧାରା ୧୪ ଅଧୀନସ୍ଥ ଉପଧାରା (୧)ର ପ୍ରୟୋଜନାର୍ଥେ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି-ପ୍ରଦାନ) ଚିଠା ନିୟମାବଳୀ, ୨୦୦୭ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟଙ୍କ ବିଜ୍ଞପ୍ତି ସଂଖ୍ୟା ଜି.ଏସ.ଆର୍. ୪୩୭(ଇ), ୧୯ ଜୁନ୍ ୨୦୦୭ ଅନୁଯାୟୀ ସେହି ତାରିଖରେ ଭାରତର ରାଜପତ୍ର, ଭାଗ-୨, ଖଣ୍ଡ-୩, ଉପଖଣ୍ଡ (ଆଇ)ରେ ପ୍ରକାଶ ପାଇଥିଲା, ଏବଂ ତଦ୍ୱାରା ସମ୍ଭବତଃ ପ୍ରଭାବିତ ହେବାକୁ ଥିବା ଜନସାଧାରଣଙ୍କ ଠାରୁ ବିଜ୍ଞପ୍ତି ବହନ କରିଥିବା ରାଜପତ୍ର ସର୍ବସାଧାରଣଙ୍କ ନିକଟରେ ଉପଲବ୍ଧ ହେବା ତାରିଖରୁ ୪୫ଦିନ ପୁରିବା ଭିତରେ ଆପତ୍ତି ଏବଂ ପରାମର୍ଶ ଆହ୍ୱାନ୍ କରାଯାଇଥିଲା;

ଏବଂ ଯେହେତୁ ସେହି ରାଜପତ୍ରର ପ୍ରତିଲିପିସମୂହ ସର୍ବସାଧାରଣଙ୍କୁ ୨୫.୬.୨୦୦୭ ତାରିଖରେ ଉପଲବ୍ଧ ହୋଇପାରିଥିଲା;

ଏବଂ ଯେହେତୁ କଥିତ ଚିଠା ନିୟମାବଳୀ ସନ୍ଦର୍ଭରେ ସର୍ବସାଧାରଣଙ୍କ ଠାରୁ ମିଳିଥିବା ଆପତ୍ତି ଓ ପରାମର୍ଶଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଯଥାବିଧି ବିଚାରବିମର୍ଷ କରାଯାଇଛି;

ସୁତରାଂ ବର୍ତ୍ତମାନ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି-ପ୍ରଦାନ) ଆଇନ୍, ୨୦୦୬ (୨୦୦୭ର ଆଇନ୍ ସଂଖ୍ୟା-୨)ର ଧାରା ୧୪ ଅଧୀନସ୍ଥ ଉପଧାରା (୧) ଏବଂ (୨)ର ପ୍ରୟୋଗାର୍ଥେ କେନ୍ଦ୍ର ସରକାର ଏତଦ୍ୱାରା ଜଙ୍ଗଲରେ ବସବାସ କରୁଥିବା ଅନୁସୂଚୀତ ଜନଜାତିସମୂହ ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀସମୂହଙ୍କ ଠାରେ ଜଙ୍ଗଲ ଉପରେ ସେମାନଙ୍କର ଅଧିକାରସମୂହକୁ ତଥା ଜଙ୍ଗଲ ଜମିର ଭୋଗଦଖଲକୁ ସ୍ୱୀକୃତି-ପ୍ରଦାନ ଏବଂ ନ୍ୟସ୍ତୀକରଣ ଉଦ୍ଦେଶ୍ୟରେ ନିମ୍ନୋକ୍ତ ନିୟମାବଳୀ ପ୍ରଣୟନ କରୁଛନ୍ତି, ଯଥା:-

### ୧. ସଂକ୍ଷିପ୍ତ ଶିରୋନାମା, ପରିସର ଓ ପ୍ରାରମ୍ଭ-

(୧) ଏହି ନିୟମାବଳୀକୁ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି-ପ୍ରଦାନ) ନିୟମାବଳୀ, ୨୦୦୭ କୁହା ଯାଇପାରେ ।

(୨) ଜାମ୍ମୁ ଓ କାଶ୍ମୀର ବ୍ୟତୀତ ଭାରତର ସମଗ୍ର ଅଞ୍ଚଳ ପାଇଁ ଏହା ପ୍ରଯୁଜ୍ୟ ରହିବ ।

(୩) ସରକାରୀ ରାଜପତ୍ରରେ ପ୍ରକାଶିତ ହେବା ତାରିଖଠାରୁ ଏହା ବଳବତ୍ତର ହେବ ।

### ୨. ସଂଜ୍ଞାମାନ-

(୧) ପରିପ୍ରେକ୍ଷୀ ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ, ଏହି ନିୟମାବଳୀରେ-

(ଏ) "ଆଇନ୍"ର ଅର୍ଥ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଉପରେ ଅଧିକାରସମୂହର ସ୍ୱୀକୃତି) ଆଇନ୍, ୨୦୦୬ (୨୦୦୭ର ଆଇନ୍ ସଂଖ୍ୟା-୨) ;

(ବି) "ଜୀବିକାର୍ଜନର ଯଥାର୍ଥ ପ୍ରୟୋଜନସମୂହ"ର ଅର୍ଥ ଆଇନ୍‌ର ଧାରା ୩ ଅନ୍ତର୍ଗତ ଉପଧାରା (୧)ର ଅଣ-ଉପଧାରା (ଏ), (ସି) ଓ (ଡି) ଅଧୀନରେ ଜଙ୍ଗଲ ଜମିକୁ ସ୍ୱ-ପରିଚାଳିତ ଚାଷ କରି ସେଥିରୁ ଉତ୍ପନ୍ନ ସାମଗ୍ରୀର ଉତ୍ପାଦନ ବା ବିକ୍ରୀ ଦ୍ୱାରା ନିଜର ଓ ନିଜ ପରିବାରର ଜୀବନ-ନିର୍ବାହର ପ୍ରୟୋଜନସମୂହକୁ ମେଣ୍ଟାଇବା;

(ସି) "ଦାବୀଦାର" ଅର୍ଥ ଆଇନ୍‌ରେ ତାଲିକାଭୁକ୍ତ ହୋଇଥିବା ଅଧିକାରସମୂହର ସ୍ୱୀକୃତି ଏବଂ ନ୍ୟସ୍ତୀକରଣ ପାଇଁ ଦାବୀ କରୁଥିବା ଜଣେ ବ୍ୟକ୍ତି, ବ୍ୟକ୍ତିମାନଙ୍କର ଏକ ଗୋଷ୍ଠୀ, ପରିବାର ବା ଏକ ଜନଗୋଷ୍ଠୀ;

(ଡି) ଆଇନ୍‌ର ଧାରା ୩ ଅନ୍ତର୍ଗତ ଉପଧାରା (୧)ର ଅଣ-ଉପଧାରା (ସି) ଅଧୀନରେ ସୂଚୀତ ହୋଇଥିବା "ଲଘୁ ବନଜାତ ସାମଗ୍ରୀର କାରବାର" ମଧ୍ୟରେ ଅନ୍ତର୍ଭୁକ୍ତ ରହିବ, ନିଜ ଜୀବିକାର୍ଜନ ପାଇଁ ଜଣେ ସଂଗ୍ରାହକ ବା ଜନଗୋଷ୍ଠୀଙ୍କ ଦ୍ୱାରା ସ୍ଥାନୀୟ ସ୍ତରରେ ପ୍ରକ୍ରିୟାୟନ, ମୂଲ୍ୟ-ସଂଯୋଗ ତଥା ମୁଣ୍ଡ-ବୋଝ, ସାଇକେଲ୍ ଏବଂ ହାତଟଣା ଗାଡି ମାଧ୍ୟମରେ ଜଙ୍ଗଲ ଅଞ୍ଚଳରେ ପରିବହନ;

(ଇ) "ଜଙ୍ଗଲ ଅଧିକାର କମିଟି" କହିଲେ ନିୟମ-୩ ଅଧୀନରେ ଗ୍ରାମସଭା ଦ୍ୱାରା ଗଠିତ ହୋଇଥିବା ଏକ କମିଟି;

(ଏଫ୍) "ଧାରା" କହିଲେ ଏହି ଆଇନ୍‌ର ଏକ ଧାରା;

(୨) ଏହି ନିୟମାବଳୀରେ ବ୍ୟବହୃତ ହୋଇଥିବା ଅଥଚ ସଂଜ୍ଞାୟିତ ହୋଇନଥିବା ଶବ୍ଦାବଳୀ ଓ ଅଭିବ୍ୟକ୍ତିସମୂହ ଯଥାକ୍ରମେ ସେହି ଅର୍ଥ ବହନ କରିବ, ଯାହାକି ଆଇନ୍ ଅଧୀନରେ ନ୍ୟସ୍ତ କରାଯାଇଛି ।

## ୩. ଗ୍ରାମସଭା-

(୧) ଗ୍ରାମସଭାଗୁଡିକ ଗ୍ରାମ ପଞ୍ଚାୟତ ଦ୍ୱାରା ଆହୂତ ହେବ ଏବଂ ଏକ ଗ୍ରାମସଭା ଏହାର ପ୍ରଥମ ବୈଠକରେ ଏହାର ସଭ୍ୟମାନଙ୍କ ଭିତରୁ ସର୍ବନିମ୍ନ ୧୦ ଓ ସର୍ବୋଚ୍ଚ ୧୫ ଜଣଙ୍କୁ ନେଇ ଏଭଳି ଏକ ଜଙ୍ଗଲ ଅଧିକାର କମିଟିକୁ ନିର୍ବାଚନ କରିବେ, ଯେଉଁଥିରେ ଅନ୍ତତଃ ଏକ ତୃତୀୟାଂଶ ସଭ୍ୟ ଅନୁସୂଚୀତ ଜନଜାତି ହୋଇଥିବେ;

**ପରନ୍ତୁ** ଏହାର ସଭ୍ୟମାନଙ୍କର ଏକ ତୃତୀୟାଂଶ ମହିଳା ହୋଇଥିବେ;

**ପୁଣି ପରନ୍ତୁ** ଯେଉଁ ସ୍ଥଳେ ଅନୁସୂଚୀତ ଜନଜାତି ନଥିବେ, ସେପରି ସ୍ଥଳେ ସଭ୍ୟମାନଙ୍କର ଅନ୍ୟୂନ ଏକ-ତୃତୀୟାଂଶ ମହିଳା ହୋଇଥିବେ ।

(୨) ଜଙ୍ଗଲ ଅଧିକାର କମିଟି ଜଣେ ଅଧ୍ୟକ୍ଷ ଏବଂ ଜଣେ ସଂପାଦକ ବାଛିବେ ଏବଂ ଏ ବିଷୟରେ ଉପଖଣ୍ଡ ସ୍ତରୀୟ (ସବ୍‌ଡିଭିଜନାଲ୍) କମିଟିକୁ ଜଣାଇବେ ।

(୩) ଯେଉଁସ୍ଥଳେ ଜଙ୍ଗଲ ଅଧିକାର କମିଟିର ଜଣେ ସଭ୍ୟ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପାଇଁ ନିଜେ ଜଣେ ଦାବୀଦାର ହୋଇଥିବେ, ସେପରି ସ୍ଥଳେ ସେ କମିଟିକୁ ଏ ବିଷୟରେ ଜଣାଇବେ ଏବଂ ତାଙ୍କ ଦାବୀର ବିଚାର ଚାଲୁଥିବା ବେଳେ ସେ ସଂପୃକ୍ତ ଯାଞ୍ଚ କାର୍ଯ୍ୟବିଧିରେ ଅଂଶଗ୍ରହଣ କରିବେ ନାହିଁ ।

## ୪. ଗ୍ରାମସଭାର କାର୍ଯ୍ୟାବଳୀ-

(୧) ଗ୍ରାମସଭା ନିମ୍ନୋକ୍ତ କାର୍ଯ୍ୟାବଳୀ ସମ୍ପାଦନ କରିବେ-

(ଏ) ଜଙ୍ଗଲ ଅଧିକାରସମୂହର ପ୍ରକାର ଏବଂ ପରିସରକୁ ନିର୍ଦ୍ଧାରଣ କରିବାର ପ୍ରକ୍ରିୟା ଆରମ୍ଭ କରିବେ ଏବଂ ସେସବୁ ସମ୍ବନ୍ଧରେ ଦାବୀଗୁଡିକୁ ଗ୍ରହଣ ଏବଂ ଶୁଣାଣି କରିବେ;

(ବି) ଜଙ୍ଗଲ ଅଧିକାର ଦାବୀଦାରମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବେ ତଥା ଦାବୀଦାରଗଣ ଏବଂ ସେମାନଙ୍କ ଦାବୀ ସମୂହ ସମ୍ବନ୍ଧୀତ ସବିଶେଷ ତଥ୍ୟାବଳୀକୁ ଲିପିବଦ୍ଧ କରି ରଖିବା ପାଇଁ ଏଭଳି ଏକ ରେଜିଷ୍ଟର୍ ଅନୁରକ୍ଷଣ କରିବେ, ଯାହାକି କେନ୍ଦ୍ର ସରକାର ଆଦେଶ ବଳରେ ନିର୍ଦ୍ଧାରଣ କରିପାରନ୍ତି;

(ସି) ଆଗ୍ରହୀ ବ୍ୟକ୍ତିବିଶେଷ ଏବଂ ସଂପୃକ୍ତ କର୍ତ୍ତୃପକ୍ଷଗଣଙ୍କୁ ନିଜ ବକ୍ତବ୍ୟ ଶୁଣେଇବାର ସୁଯୋଗ ଦେବାପରେ ଜଙ୍ଗଲ

ଅଧିକାର ସମ୍ବନ୍ଧୀତ ଦାବୀସମୂହ ଉପରେ ପ୍ରସ୍ତାବ ଗ୍ରହଣ କରିବେ ଏବଂ ଏହାକୁ ଉପଖଣ୍ଡ ସ୍ତରୀୟ କମିଟିକୁ ଅଭିପ୍ରେରଣ କରିବେ;

(ଡି) ଆଇନ୍‌ର ଧାରା ୪ ଅଧୀନସ୍ଥ ଉପଧାରା(୨)ର ଅଣ-ଉପଧାରା (ଇ) ଅଧୀନରେ ପୁନର୍ବସତି ପାଇଁ ଉଦ୍ଦିଷ୍ଟ ପ୍ରସ୍ତାବସମୂହକୁ ବିଚାର କରିବେ ଓ ସେସବୁ ଉପରେ ଯଥୋଚିତ ନିଷ୍ପତ୍ତି ଗ୍ରହଣ କରିବେ; ଏବଂ

(ଇ) ଆଇନ୍‌ର ଧାରା ୫ ଅଧୀନସ୍ଥ ପ୍ରାବ୍‌ଧାନଗୁଡ଼ିକୁ କାର୍ଯ୍ୟରୂପ ଦେବା ଉଦ୍ଦେଶ୍ୟରେ ନିଜର ସଭ୍ୟମାନଙ୍କ ଭିତରୁ ବନ୍ୟଜୀବ, ଜଙ୍ଗଲ ଓ ଜୈବ-ବିବିଧତାର ସୁରକ୍ଷା ପାଇଁ କମିଟିମାନ ଗଠନ କରିବେ ।

(୨) ଗ୍ରାମସଭା ବୈଠକର ନ୍ୟୂନତମ ଉପସ୍ଥାନ (କୋରମ୍) ସଂପୃକ୍ତ ଗ୍ରାମସଭାର ସଂପୂର୍ଣ୍ଣ ସଦସ୍ୟସଂଖ୍ୟାର ଏକ ତୃତୀୟାଂଶରୁ କମ୍ ହେବନାହିଁ;

**ପରନ୍ତୁ** , ଯେଉଁ ଗ୍ରାମରେ ଅନୁସୂଚୀତ ଜନଜାତିଙ୍କ ସହିତ ଅନୁସୂଚୀତ ଜନଜାତି ହୋଇ ନଥିବା ଲୋକଙ୍କର ଏକ ମିଶ୍ରିତ ଜନସମୁଦାୟ ବାସ କରୁଥିବେ, ସେ କ୍ଷେତ୍ରରେ ଅନୁସୂଚୀତ ଜନଜାତି, ଆଦିମ ଜନଜାତି ଗୋଷ୍ଠୀସମୂହ ଏବଂ ପ୍ରାକ୍-କୃଷି ଜନଗୋଷ୍ଠୀସମୂହଙ୍କର ପ୍ରତିନିଧିତ୍ୱ ପର୍ଯ୍ୟାପ୍ତ ହେଉଥିବ ।

(୩) ରାଷ୍ଟ୍ରର ପ୍ରାଧିକର୍ତ୍ତାଗଣ ଗ୍ରାମସଭାକୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବେ ।

## ୫. ଉପଖଣ୍ଡ ସ୍ତରୀୟ କମିଟି-

ନିମ୍ନୋକ୍ତ ସଭ୍ୟମାନଙ୍କୁ ନେଇ ରାଜ୍ୟ ସରକାର ଉପଖଣ୍ଡ ସ୍ତରୀୟ କମିଟି ଗଠନ କରିବେ, ଯଥା :-

(ଏ) ଉପଖଣ୍ଡ ଅଧିକାରୀ କିମ୍ବା ସମତୁଲ୍ୟ ଅଧିକାରୀ - ଅଧ୍ୟକ୍ଷ;

(ବି) ଉପଖଣ୍ଡର ଭାରପ୍ରାପ୍ତ ଜଙ୍ଗଲ ଅଧିକାରୀ କିମ୍ବା ସମତୁଲ୍ୟ ଅଧିକାରୀ – ସଭ୍ୟ ;

(ସି) ଜିଲ୍ଲା ପଞ୍ଚାୟତ ଦ୍ୱାରା ବ୍ଲକ୍ ବା ତହସିଲ୍ ସ୍ତରୀୟ ପଞ୍ଚାୟତଗୁଡ଼ିକରୁ ଏଭଳି ତିନିଜଣ ସଭ୍ୟ ମନୋନୀତ ହେବେ, ଯେଉଁମାନଙ୍କ ଭିତରୁ ଅନ୍ତତଃ ଦୁଇଜଣ ଅନୁସୂଚୀତ ଜନଜାତି ହୋଇଥିବେ ଏବଂ ଆହୁରି ଭଲ, ଯଦି ସେମାନେ ନିଜେ ବନବାସୀ ହୋଇଥିବେ ଅଥବା ଆଦିମ ଜନଜାତି ଗୋଷ୍ଠୀର ହୋଇଥିବେ, ଏବଂ ଯେଉଁସ୍ଥଳେ ଅନୁସୂଚୀତ ଜନଜାତି ନଥିବେ ସେପରି ସ୍ଥଳେ, ଭଲ ହେବ ଯଦି ଦୁଇଜଣ ସଭ୍ୟ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଏବଂ ଜଣେ ସଭ୍ୟ ମହିଳା ହୋଇଥିବେ; କିମ୍ବା ଯଦି ସେହି ଅଞ୍ଚଳ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ ହୋଇଥାଏ, ତେବେ ସ୍ୱୟଂ-ପରିଚାଳିତ ଜିଲ୍ଲା ପରିଷଦ ବା ଆଞ୍ଚଳିକ ପରିଷଦ ଅଥବା ଯଥୋଚିତ ଅଞ୍ଚଳ-ସ୍ତରୀୟ ସଂସ୍ଥା ଦ୍ୱାରା ତିନିଜଣ ସଭ୍ୟ ମନୋନୀତ ହେବେ, ଯେଉଁମାନଙ୍କ ଭିତରେ ଅନ୍ତତଃ କଣେ ସଭ୍ୟ ମହିଳା ହୋଇଥିବେ; ଏବଂ

(ଡି) ଉପଖଣ୍ଡ ସ୍ତରରେ ଭାରପ୍ରାପ୍ତ ହୋଇଥବା ଜନଜାତି କଲ୍ୟାଣ ବିଭାଗର ଅଧିକାରୀ ଅଥବା ଯେଉଁସ୍ଥଳେ ଏପରି ଅଧିକାରୀ ନାହାନ୍ତି, ସେପରି ସ୍ଥଳେ ଜନଜାତି ବ୍ୟାପାର ପାଇଁ ଭାରପ୍ରାପ୍ତ ହୋଇଥିବା ଅଧିକାରୀ ।

## ୬. ଉପଖଣ୍ଡ ସ୍ତରୀୟ କମିଟିର କାର୍ଯ୍ୟାବଳୀ-

ଉପଖଣ୍ଡ ସ୍ତରୀୟ କମିଟି (ଏସ୍.ଡି.ଏଲ୍.ସି.) ନିମ୍ନୋକ୍ତ କାର୍ଯ୍ୟାବଳୀ ସମ୍ପାଦନ କରିବେ-

(ଏ) ବନ୍ୟଜୀବ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା, ବିଶେଷ କରି ସଂରକ୍ଷଣ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ସଂକଟାପନ୍ନ ଉଦ୍ଭିଦ ଏବଂ ପ୍ରାଣୀସମୂହର ସୁରକ୍ଷା ପ୍ରତି ଗ୍ରାମସଭାର ଦାୟିତ୍ୱାବଳୀ ଓ ଜଙ୍ଗଲ ଅଧିକାରର ସ୍ୱତ୍ତ୍ୱଧାରୀ ମାନଙ୍କର ଦାୟିତ୍ୱାବଳୀ ସମ୍ବନ୍ଧରେ ସେମାନଙ୍କୁ ସୂଚନା ପ୍ରଦାନ କରିବା;

(ବି)ଗ୍ରାମସଭା କିମ୍ବା ଜଙ୍ଗଲ ଅଧିକାର କମିଟିକୁ ଜଙ୍ଗଲର ନକ୍ସା ଓ ଭୋଟର୍ ତାଲିକାଗୁଡ଼ିକୁ ଯୋଗାଇଦେବା;

(ସି) ସଂପୃକ୍ତ ଗ୍ରାମସଭାଗୁଡ଼ିକର ପ୍ରସ୍ତାବସମୂହକୁ ସଂକଳିତ କରି ରଖିବା;

(ଡି) ଗ୍ରାମସଭାମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନକ୍ସା ତଥା ସବିଶେଷ ତଥ୍ୟାବଳୀକୁ ଏକତ୍ରୀକରଣ କରିବା;

(ଇ)ଗ୍ରାମସଭାଗୁଡ଼ିକର ପ୍ରସ୍ତାବ ଓ ନକ୍ସାସମୂହକୁ ଯାଞ୍ଚ କରି ଦାବୀଗୁଡ଼ିକର ସତ୍ୟାସତ୍ୟ ନିର୍ଣ୍ଣୟ କରିବା;

(ଏଫ୍) ଜଙ୍ଗଲ ଅଧିକାରର ପ୍ରକାର ଓ ପରିସରକୁ କେନ୍ଦ୍ର କରି ଗ୍ରାମସଭାଗୁଡିକ ଭିତରେ ରହିଥିବା ପାରସ୍ପରିକ ବିବାଦର ଶୁଣାଣି ଓ ବିଚାର କରିବା;

(ଜି) ଗ୍ରାମସଭାମାନଙ୍କର ନିଷ୍ପତ୍ତି ଦ୍ୱାରା ସରକାରୀ ସଂସ୍ଥାମାନଙ୍କ ସମେତ କ୍ଷୁବ୍‌ଧ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ଠାରୁ ମିଳିଥିବା ଆପତ୍ତିସମୂହର ଶୁଣାଣି କରିବା;

(ଏଚ୍) ଆନ୍ତଃ-ଉପଖଣ୍ଡ ଦାବୀସମୂହ ପରିପ୍ରେକ୍ଷୀରେ ଅନ୍ୟ ଉପଖଣ୍ଡ କମିଟିଗୁଡିକ ସହ ସମନ୍ୱୟ କରିବା;

(ଆଇ) ସରକାରୀ ନଥିଗୁଡିକ ସହ ମିଳେଇବା ପରେ ପ୍ରସ୍ତାବିତ ଜଙ୍ଗଲ ଅଧିକାରସମୂହର ବ୍ଲକ ଓ ତହସିଲ୍ ସ୍ତରୀୟ ଚିଠା ଲିପି ପ୍ରସ୍ତୁତ କରିବା ;

(ଜେ) ପ୍ରସ୍ତାବିତ ଜଙ୍ଗଲ ଅଧିକାରସମୂହର ଚିଠା ଲିପି ସହିତ ଦାବୀଗୁଡିକୁ ଉପଖଣ୍ଡ ଅଧିକାରୀଙ୍କ ଜରିଆରେ ଜିଲ୍ଲା କମିଟିଙ୍କ ନିକଟକୁ ଚୂଡାନ୍ତ ନିଷ୍ପତ୍ତି ପାଇଁ ଅଭିପ୍ରେରଣ କରିବା;

(କେ) ଏହି ଆଇନ୍ ଏବଂ ନିୟମାବଳୀରେ ଲିପିବଦ୍ଧ ହୋଇଥିବା ଲକ୍ଷ୍ୟସମୂହ ଏବଂ ପ୍ରକ୍ରିୟାସମୂହ ବିଷୟରେ ଜଙ୍ଗଲ ଅଧିବାସୀମାନଙ୍କ ଭିତରେ ସଚେତନତା ବୃଦ୍ଧି କରିବା;

(ଏଲ୍) ଏହି ନିୟମାବଳୀର ସଂଲଗ୍ନ ନଥିସଂଖ୍ୟା-୧ (ଫର୍ମ-ଏ ଓ ଫର୍ମ-ବି)ରେ ସ୍ଥାନିତ ହୋଇଥିବା ଦାବୀ ପେଶ୍ କରିବାର ପ୍ରରୂପ (ପ୍ରୋଫର୍ମା)କୁ ସହଜରେ ଓ ମାଗଣାରେ ମିଳିପାରୁଥିବାର ବ୍ୟବସ୍ଥାକୁ ସୁନିଶ୍ଚିତ କରିବା;

(ଏମ୍) ଆବଶ୍ୟକୀୟ ନ୍ୟୂନତମ ଉପସ୍ଥାନ ସହିତ ଗ୍ରାମସଭା ବୈଠକଗୁଡିକ ଯେପରି ଅବାଧ, ମୁକ୍ତ ଏବଂ ଯଥୋଚିତ ପ୍ରଣାଳୀରେ ପରିଚାଳିତ ହେବ, ତାହାକୁ ସୁନିଶ୍ଚିତ କରିବା ।

## ୭. ଜିଲ୍ଲା ସ୍ତରୀୟ କମିଟି-

ନିମ୍ନୋକ୍ତ ସଭ୍ୟମାନଙ୍କୁ ନେଇ ରାଜ୍ୟ ସରକାର ଜିଲ୍ଲା ସ୍ତରୀୟ କମିଟି (ଡି.ଏଲ୍.ସି.) ଗଠନ କରିବେ, ଯଥା:-

(ଏ) ଜିଲ୍ଲାପାଳ କିମ୍ବା ଡେପୁଟି କମିଶନର୍ - ଅଧ୍ୟକ୍ଷ ;

(ବି) ସଂପୃକ୍ତ ବନଖଣ୍ଡ ଅଧିକାରୀ (ଡିଭିଜନାଲ୍ ଫରେଷ୍ଟ୍ ଅଫିସର୍) କିମ୍ବା ସଂପୃକ୍ତ ଉପ ବନସଂରକ୍ଷକ- ସଦସ୍ୟ ;

(ସି) ଜିଲ୍ଲା ପଞ୍ଚାୟତ ଦ୍ୱାରା ଜିଲ୍ଲା ପଞ୍ଚାୟତରୁ ଏଭଳି ତିନିଜଣ ସଭ୍ୟ ମନୋନୀତ ହେବେ, ଯେଉଁମାନଙ୍କ ଭିତରୁ ଅନ୍ତତଃ ଦୁଇଜଣ ଅନୁସୂଚୀତ ଜନଜାତି ହୋଇଥିବେ ଏବଂ ଆହୁରି ଭଲ ଯଦି ସେମାନେ ନିଜେ ବନବାସୀ ହୋଇଥିବେ ଅଥବା ଆଦିମ ଜନଜାତି ଗୋଷ୍ଠୀର ହୋଇଥିବେ, ଏବଂ ଯେଉଁସ୍ଥଳେ ଅନୁସୂଚୀତ ଜନଜାତି ନଥିବେ ସେପରି ସ୍ଥଳେ ଭଲ ହେବ ଯଦି ଦୁଇଜଣ ସଭ୍ୟ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଏବଂ ଜଣେ ସଭ୍ୟ ମହିଳା ହୋଇଥିବେ; କିମ୍ବା ଯଦି ସେହି ଅଞ୍ଚଳ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ ହୋଇଥାଏ, ତେବେ ସ୍ୱୟଂ-ପରିଚାଳିତ ଜିଲ୍ଲା ପରିଷଦ ବା ଆଞ୍ଚଳିକ ପରିଷଦ ଅଥବା ଯଥୋଚିତ ଅଞ୍ଚଳ-ସ୍ତରୀୟ ସଂସ୍ଥା ଦ୍ୱାରା ତିନିଜଣ ସଭ୍ୟ ମନୋନୀତ ହେବେ, ଯେଉଁମାନଙ୍କ ଭିତରେ ଅନ୍ତତଃ ଜଣେ ସଭ୍ୟ ମହିଳା ହୋଇଥିବେ; ଏବଂ

(ଡି) ଜିଲ୍ଲା ପାଇଁ ଜନଜାତି କଲ୍ୟାଣ ବିଭାଗର ଜଣେ ଭାରପ୍ରାପ୍ତ ଅଧିକାରୀ କିମ୍ବା ଯେଉଁସ୍ଥଳେ ଏଭଳି ଅଧିକାରୀ ନାହାନ୍ତି, ସେପରି ସ୍ଥଳେ ଜନଜାତି ବ୍ୟାପାର ପାଇଁ ଭାରପ୍ରାପ୍ତ ଅଧିକାରୀ ।

## ୮. ଜିଲ୍ଲାସ୍ତରୀୟ କମିଟିର କାର୍ଯ୍ୟାବଳୀ-

ଜିଲ୍ଲା କମିଟି ନିମ୍ନୋକ୍ତ କାର୍ଯ୍ୟାବଳୀ ସମ୍ପାଦନ କରିବେ-

(ଏ) ନିୟମ-୬ ଅନ୍ତର୍ଗତ ଉପନିୟମ (ବି) ଅଧୀନରେ ଗ୍ରାମସଭା ଅଥବା ଜଙ୍ଗଲ ଅଧିକାର କମିଟିକୁ ଆବଶ୍ୟକୀୟ ସୂଚନା ପ୍ରଦାନକୁ ସୁନିଶ୍ଚିତ କରିବା ;

(ବି) ଆଇନ୍‌ର ଲକ୍ଷ୍ୟସମୂହକୁ ଦୃଷ୍ଟିରେ ରଖି ସମସ୍ତ ଦାବୀଗୁଡିକୁ, ବିଶେଷ କରି ଆଦିମ ଜନଜାତି ଗୋଷ୍ଠୀସମୂହ, ପଶୁପାଳକଗଣ ଏବଂ ଯାଯାବର ଜନଜାତିସମୂହଙ୍କ ଦାବୀଗୁଡିକୁ ବିଚାର କରାଯାଇଛି କି ନାହିଁ, ତାହା ଯାଞ୍ଚ କରି ଦେଖିବା ;

(ସି) ଉପଖଣ୍ଡ କମିଟି ଦ୍ୱାରା ପ୍ରସ୍ତୁତ ହୋଇଥିବା ଜଙ୍ଗଲ ଅଧିକାର ସମ୍ବନ୍ଧୀତ ସମସ୍ତ ଦାବୀ ଏବଂ ଅଭିଲେଖ (ରେକର୍ଡ) ଗୁଡ଼ିକୁ ବିଚାର କରିବା ଏବଂ ଚୂଡ଼ାନ୍ତ ଅନୁମୋଦନ ପ୍ରଦାନ କରିବା;

(ଡି) ଉପଖଣ୍ଡ କମିଟିର ଆଦେଶଗୁଡ଼ିକ ଫଳରେ କ୍ଷୁବ୍ଧ ହୋଇଥିବା ବ୍ୟକ୍ତିମାନଙ୍କ ଠାରୁ ଆପତ୍ତିସମୂହର ଶୁଣାଣି କରିବା ;

(ଇ) ଆନ୍ତଃ-ଜିଲ୍ଲା ଦାବୀ ଗୁଡ଼ିକ ସଂକ୍ରାନ୍ତରେ ଅନ୍ୟ ଜିଲ୍ଲାଗୁଡ଼ିକ ସହ ସମନ୍ୱୟ ରଖିବା;

(ଏଫ୍)ସଂପୃକ୍ତ ସରକାରୀ ଦଲିଲ୍‌ଗୁଡ଼ିକରେ ସତ୍ତ୍ୱଲିପି ସମେତ ଜଙ୍ଗଲ ଉପରେ ଅଧିକାରସମୂହକୁ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିବା ;

(ଜି) ଜଙ୍ଗଲ ଉପରେ ସତ୍ତ୍ୱାଧିକାର ବିବରଣ ଚୂଡ଼ାନ୍ତ ହେଲା ପରେ ଏହାକୁ ପ୍ରକାଶ କରିବା ; ଏବଂ

(ଏଚ୍)ଏହି ଆଇନ୍ ଅଧୀନରେ ଜଙ୍ଗଲ ଉପରେ ସତ୍ତ୍ୱଲିପି ଏବଂ ସତ୍ତ୍ୱାଧିକାରର ଏକ ପ୍ରମାଣୀକୃତ ପ୍ରତିଲିପି ଏହି ନିୟମାବଳୀର ସଂଲଗ୍ନ ନଥି ସଂଖ୍ୟା-୨ ଓ ୩ରେ ବିନିର୍ଦ୍ଦିଷ୍ଟ ହୋଇଥିବା ମତେ ଯଥାକ୍ରମେ ସଂପୃକ୍ତ ଦାବୀଦାର ଏବଂ ଗ୍ରାମସଭାଙ୍କୁ ଯେପରି ଯୋଗାଇ ଦିଆଯାଏ, ତାହାକୁ ସୁନିଶ୍ଚିତ କରିବା ।

## ୯. ରାଜ୍ୟ ସ୍ତରୀୟ ତଦାରଖ କମିଟି-

ରାଜ୍ୟ ସରକାର ନିମ୍ନୋକ୍ତ ସଭ୍ୟମାନଙ୍କୁ ନେଇ ଏକ ରାଜ୍ୟ ସ୍ତରୀୟ ତଦାରଖ କମିଟି ଗଠନ କରିବେ, ଯଥା:-

(ଏ) ମୁଖ୍ୟ ଶାସନ-ସଚିବ - ଅଧ୍ୟକ୍ଷ ;

(ବି) ସଚିବ, ରାଜସ୍ୱ ବିଭାଗ – ସଭ୍ୟ ;

(ସି) ସଚିବ, ଜନଜାତି ବା ସମାଜ ମଙ୍ଗଳ ବିଭାଗ – ସଭ୍ୟ ;

(ଡି) ସଚିବ, ଜଙ୍ଗଲ ବିଭାଗ – ସଭ୍ୟ ;

(ଇ) ସଚିବ, ପଞ୍ଚାୟତିରାଜ ବିଭାଗ- ସଭ୍ୟ ;

(ଏଫ୍) ପ୍ରଧାନ ମୁଖ୍ୟ ବନ ସଂରକ୍ଷକ – ସଭ୍ୟ ;

(ଜି) ଜନଜାତି ଉପଦେଷ୍ଟା ପରିଷଦର ଅଧ୍ୟକ୍ଷଙ୍କ ଦ୍ୱାରା ଜନଜାତି ଉପଦେଷ୍ଟା ପରିଷଦରୁ ତିନିଜଣ ଅନୁସୂଚୀତ ଜନଜାତିର ସଭ୍ୟ ମନୋନୀତ ହେବେ ଏବଂ ଯେଉଁସ୍ଥଳେ ଜନଜାତି ଉପଦେଷ୍ଟା ପରିଷଦ ନାହିଁ, ସେପରି ସ୍ଥଳେ ରାଜ୍ୟ ସରକାରଙ୍କ ଦ୍ୱାରା ତିନିଜଣ ଅନୁସୂଚୀତ ଜନଜାତିର ସଭ୍ୟ ମନୋନୀତ ହେବେ ;

(ଏଚ୍) ଜନଜାତି ମଙ୍ଗଳ କମିଶନର୍ ଅଥବା ସମତୁଲ୍ୟ ବ୍ୟକ୍ତି, ଯେ କି ସଭ୍ୟ ସଚିବ ଭାବେ କାର୍ଯ୍ୟ କରିବେ ।

## ୧୦. ରାଜ୍ୟ ସ୍ତରୀୟ ତଦାରଖ କମିଟିର କାର୍ଯ୍ୟାବଳୀ-

ରାଜ୍ୟ ସ୍ତରୀୟ ତଦାରଖ କମିଟି ନିମ୍ନୋକ୍ତ କାର୍ଯ୍ୟାବଳୀ ସଂପାଦନ କରିବେ –

(ଏ) ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ଓ ନ୍ୟସ୍ତୀକରଣର ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ମାନଦଣ୍ଡ ଏବଂ ସୂଚକଗୁଡ଼ିକୁ ପ୍ରସ୍ତୁତ କରିବା ;

(ବି) ରାଜ୍ୟର ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି, ଯାଞ୍ଚ ଓ ନ୍ୟସ୍ତୀକରଣର ପ୍ରକ୍ରିୟାକୁ ତଦାରଖ କରିବା ;

(ସି) ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି, ଯାଞ୍ଚ ଓ ନ୍ୟସ୍ତୀକରଣର ପ୍ରକ୍ରିୟା ଉପରେ ଏକ ଷାଣ୍ମାସିକ ବିବରଣୀ ପ୍ରସ୍ତୁତ କରିବା ଏବଂ ସଂଯୋଜକ ସଂସ୍ଥା (ନୋଡାଲ ଏଜେନ୍‌ସି) ଚାହିଁବା ମତେ ତାଙ୍କ ନିକଟରେ ଆବଶ୍ୟକୀୟ ସୂଚନାବଳୀ ଏବଂ ବିବରଣୀଗୁଡ଼ିକୁ ଦାଖଲ କରିବା;

(ଡି) ଆଇନ୍‌ର ଧାରା ୮ରେ ସୂଚୀତ ହୋଇଥିବା ମତେ ଏକ ଅବଗତି (ନୋଟିସ୍) ମିଳିଲା ପରେ ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ;

(ଇ) ଆଇନର ଧାରା ୪ ଅନ୍ତର୍ଗତ ଉପଧାର (୨) ଅନୁଯାୟୀ ପୁନର୍ବସତି କାର୍ଯ୍ୟକ୍ରମକୁ ତଦାରଖ କରିବା ।

## ୧୧. ଗ୍ରାମସଭା ଦ୍ୱାରା ଦାବୀଗୁଡିକର ନଥିପ୍ରସ୍ତୁତି, ନିର୍ଣ୍ଣୟ ତଥା ଯାଞ୍ଚ କରିବାର କାର୍ଯ୍ୟପ୍ରକ୍ରିୟା-

(୧) ଗ୍ରାମସଭା ନିମ୍ନମତେ କାର୍ଯ୍ୟ କରିବେ-

(ଏ) ଦାବୀ ଗୁଡିକୁ ଆହ୍ୱାନ କରିବେ ଏବଂ ଏହି ନିୟମାବଳୀର ସଂଲଗ୍ନ ନଥିସଂଖ୍ୟା-୧ରେ ସ୍ଥାନିତ ହୋଇଥିବା ପ୍ରରୂପ (ଫର୍ମ)ରେ ଦାବୀ ଗୁଡିକୁ ସଂଗ୍ରହଣ ପାଇଁ ଜଙ୍ଗଲ ଅଧିକାର କମିଟିକୁ ପ୍ରାଧିକୃତ କରାଇବେ ଏବଂ ଦାବୀ ଆହ୍ୱାନ୍ କରିବା ତାରିଖରୁ ତିନିମାସ ସମୟ ଭିତରେ ଏହିସବୁ ଦାବୀ ପେଶ୍ କରାଯିବ, ଏବଂ ଏହା ସହିତ ନିୟମ-୧୩ରେ ସୂଚୀତ ହୋଇଥିବା ପ୍ରମାଣସମୂହ ଭିତରୁ ଅନ୍ତତଃ ଦୁଇଟି ପ୍ରମାଣକୁ ତିନିମାସ ଭିତରେ ଦାଖଲ କରିବାକୁ ହେବ:

**ପରନ୍ତୁ,** ଗ୍ରାମସଭାଙ୍କ ବିବେଚନାରେ ଯଦି ଆବଶ୍ୟକ ମନେ ହୁଏ, ତେବେ ସେ ସଂପୃକ୍ତ କାରଣଗୁଡିକୁ ଲିପିବଦ୍ଧ କରି ଏହି ତିନିମାସ ସମୟ ଅବଧିକୁ ବଢେଇ ପାରନ୍ତି ।

(ବି) ନିଜର ଯୌଥ ଜଙ୍ଗଲ ସଂପଦକୁ ଆକଳନ କରିବାର ପ୍ରକ୍ରିୟାକୁ ଆରମ୍ଭ କରିବାର ଏକ ତାରିଖ ଧାର୍ଯ୍ୟ କରିବା ଏବଂ ଯେଉଁସବୁ ଗ୍ରାମ ସହିତ ଗୋଳମାଳ ରହିଛି, ସେସବୁର ଗ୍ରାମସଭାଗୁଡିକୁ ତଥା ଉପଖଣ୍ଡ କମିଟିକୁ ଏ ବିଷୟରେ ଜଣାଇଦେବା ।

(୨) ଜଙ୍ଗଲ ଅଧିକାର କମିଟି ଗ୍ରାମସଭାଙ୍କୁ ତାଙ୍କର ନିମ୍ନୋକ୍ତ କାର୍ଯ୍ୟାବଳୀ ସମ୍ପାଦନ କରିବାରେ ସହାୟତା କରିବେ –

(୧) ବିନିର୍ଦ୍ଦିଷ୍ଟ ପ୍ରରୂପ(ଫର୍ମ)ରେ ଦାବୀସମୂହ ତଥା ସେଗୁଡିକ ସପକ୍ଷରେ ପ୍ରମାଣକୁ ସଂଗ୍ରହଣ ଓ ପ୍ରାପ୍ତି-ସ୍ୱୀକାର କରିବେ ଏବଂ ସାଇତି ରଖିବେ ;

(୨) ଦାବୀଗୁଡିକ ସମ୍ବନ୍ଧୀତ ଦଲିଲ୍ ତଥା ନକ୍ସା ସମେତ ପ୍ରମାଣକୁ ପ୍ରସ୍ତୁତ କରିବେ;

(୩) ଜଙ୍ଗଲ ଅଧିକାର ପାଇଁ ଦାବୀଦାର୍‌ମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବେ ;

(୪) ଏହି ନିୟମାବଳୀରେ ସୂଚୀତ ହୋଇଥିବା ମତେ ଦାବୀସମୂହକୁ ଯାଞ୍ଚ କରିବେ ;

(୫) ପ୍ରତି ଦାବୀର ପ୍ରକାର ଏବଂ ପରିସର ସମ୍ବନ୍ଧରେ ନିଜର ଅନୁଧ୍ୟାନକୁ ଗ୍ରାମସଭା ସମ୍ମୁଖରେ ବିଚାର ପାଇଁ ଉପସ୍ଥାପନ କରିବେ ।

(୩) ଜଙ୍ଗଲ ଅଧିକାର କମିଟି ସଂଗ୍ରହ କରୁଥିବା ପ୍ରତି ଦାବୀର ଲିଖିତ ପ୍ରାପ୍ତି-ସ୍ୱୀକାର ପ୍ରଦାନ କରାଯିବ ।

(୪) ଗ୍ରାମସଭା ତରଫରୁ ଜଙ୍ଗଲ ଅଧିକାର କମିଟି ଏହି ନିୟମାବଳୀର ସଂଲଗ୍ନ ନଥି ସଂଖ୍ୟା-୧ ରେ ସ୍ଥାନିତ ହୋଇଥିବା ପ୍ରରୂପ-ବି (ଫର୍ମ-ବି) ଅନୁଯାୟୀ ଦାବୀଗୁଡିକୁ ପ୍ରସ୍ତୁତ କରିବେ ।

(୫) ଗ୍ରାମସଭା ଉପନିୟମ (୨)ର ଖଣ୍ଡାଂଶ (୫) ଅନୁଯାୟୀ ଅନୁଧ୍ୟାନ ସମ୍ବନ୍ଧରେ ଅବଗତ ହେଲା ପରେ ଜଙ୍ଗଲ ଅଧିକାର କମିଟିର ଅନୁଧ୍ୟାନସମୂହ ଉପରେ ବିଚାରବିମର୍ଷ କରିବା ପାଇଁ ଅଗ୍ରୀମ ନୋଟିସ୍ ଭିତିରେ ବୈଠକ ଡକାଇବେ, ଯଥୋଚିତ ନିଷ୍ପତ୍ତିମାନ ଗ୍ରହଣ କରିବେ ଏବଂ ସେସବୁକୁ ଉପଖଣ୍ଡ କମିଟିଙ୍କ ନିକଟକୁ ଅଭିପ୍ରେରଣ କରିବେ ।

(୬) ଗ୍ରାମସଭା ନିଜର ଦାୟିତ୍ୱାବଳୀ ସମ୍ପାଦନ କରିବା କ୍ଷେତ୍ରରେ ଗ୍ରାମ ପଞ୍ଚାୟତର ସଂପାଦକ ଗ୍ରାମସଭାର ସଂପାଦକ ରୂପେ ମଧ୍ୟ କାର୍ଯ୍ୟ କରିବେ ।

## ୧୨. ଜଙ୍ଗଲ ଅଧିକାର କମିଟି ଦ୍ୱାରା ଦାବୀସମୂହକୁ ଯାଞ୍ଚ କରିବାର ପ୍ରକ୍ରିୟା-

(୧) ସଂପୃକ୍ତ ଦାବୀଦାର ଏବଂ ଜଙ୍ଗଲ ବିଭାଗକୁ ଯଥାବିଧି ଅବଗତ କଲାପରେ ଜଙ୍ଗଲ ଅଧିକାର କମିଟି ନିମ୍ନୋକ୍ତ ମତେ କାର୍ଯ୍ୟ କରିବେ -

(ଏ) ସଂପୃକ୍ତ କ୍ଷେତ୍ର ଉପରେ ଉପସ୍ଥିତ ରହି ଦାବୀର ପ୍ରକାର ଓ ପରିସର ତଥା ସେଠାରେ ଉପଲବ୍ଧ ଥିବା ପ୍ରମାଣକୁ ଯାଞ୍ଚ କରିବା ;

(ବି) ଦାବୀଦାର ଓ ସାକ୍ଷୀମାନଙ୍କ ଠାରୁ ଆଉକିଛି ପ୍ରମାଣ ବା ଦଲିଲ୍ ସଂଗ୍ରହ କରିବା ;

(ସି) ନିଜର ଅଧିକାରସମୂହର ନିରୂପଣ ପାଇଁ ପଶୁପାଳକଗଣ ଏବଂ ଯାଯାବର ଜନଜାତିଙ୍କ ଠାରୁ ମିଳିଥିବା ଦାବୀସମୂହ, ଯେଉଁଗୁଡିକ କି ଜନଗୋଷ୍ଠୀଗୁଡିକର ବ୍ୟକ୍ତିବିଶେଷ, ଜନଗୋଷ୍ଠୀ ଅଥବା ପାରମ୍ପରିକ ସଂଗଠନ ସୂତ୍ରରୁ ମିଳଥାଇପାରେ, ସେଗୁଡିକୁ ଯାଞ୍ଚ କଲାବେଳେ ଏକଥାକୁ ସୁନିଶ୍ଚିତ କରିବାକୁ ପଡିବ ଯେ, ସେତେବେଳେ ସେହି ବ୍ୟକ୍ତିବିଶେଷ, ଜନଗୋଷ୍ଠୀ ବା ସେମାନଙ୍କର ପ୍ରତିନିଧିମାନେ ଯେପରି ଉପସ୍ଥିତ ଥିବେ;

(ଡି) ନିଜର ବସବାସ କରିବାର ଅଧିକାରସମୂହର ନିରୂପଣ ପାଇଁ ଗୋଟିଏ ଆଦିମ ଜନଜାତି ଗୋଷ୍ଠୀ ବା ପ୍ରାକ୍-କୃଷି ଜନଗୋଷ୍ଠୀଙ୍କର ସଭ୍ୟମାନଙ୍କ ଠାରୁ ମିଳିଥିବା ଦାବୀ, ଯାହା କି ସଂପୃକ୍ତ ଜନଗୋଷ୍ଠୀ ଅଥବା ଜନଗୋଷ୍ଠୀଙ୍କ ପାରମ୍ପରିକ ସଂଗଠନ ସୂତ୍ରରୁ ମିଳି ଥାଇପାରେ, ତାହାକୁ ଯାଞ୍ଚ କଲାବେଳେ ଏକଥାକୁ ସୁନିଶ୍ଚିତ କରିବାକୁ ପଡିବ, ସେତେବେଳେ ଯେପରି ସେହି ଜନଗୋଷ୍ଠୀ ବା ସେମାନଙ୍କର ପ୍ରତିନିଧିଗଣ ଉପସ୍ଥିତ ଥିବେ ; ଏବଂ

(ଇ) ସୁଦୃଶ୍ୟ ଭୂଚିହ୍ନକୁ ସୂଚୀତ କରି ପ୍ରତି ଦାବୀର କ୍ଷେତ୍ରଫଳକୁ ଚିହ୍ନଟ କରୁଥିବା ନକ୍ସା ପ୍ରସ୍ତୁତ କରିବା ।

(୨) ଏହା ପରେ ଜଙ୍ଗଲ ଅଧିକାର କମିଟି ପ୍ରତି ଦାବୀ ସମ୍ବନ୍ଧରେ ନିଜର ଅନୁଧ୍ୟାନକୁ ଲିପିବଦ୍ଧ କରିବେ ଏବଂ ଗ୍ରାମସଭା ସମ୍ମୁଖରେ ବିଚାର ପାଇଁ ଉପସ୍ଥାପନ କରିବେ ।

(୩) ଯଦି ଅନ୍ୟ ଏକ ଗ୍ରାମର ପାରମ୍ପରିକ ବା ପ୍ରଥାଗତ ସୀମାରେଖାକୁ କେନ୍ଦ୍ର କରି ବିବଦମାନ ଦାବୀ ଦେଖାଦିଏ, ଅଥବା ଯଦି ଗୋଟିଏ ଜଙ୍ଗଲ ଇଲାକା ଏକାଧିକ ଗ୍ରାମସଭା ଦ୍ୱାରା ବ୍ୟବହୃତ ହେଉଥାଏ, ତେବେ ସଂପୃକ୍ତ ଗ୍ରାମସଭାଗୁଡିକର ଜଙ୍ଗଲ ଅଧିକାର କମିଟିମାନେ ସେହି ଦାବୀଗୁଡିକର ବ୍ୟାବାହରିକ ପ୍ରକାରଭେଦ ଉପରେ ବିଚାରବିମର୍ଷ କରିବା ପାଇଁ ଏକ ମିଳିତ ବୈଠକରେ ଏକାଠି ହେବେ ଏବଂ ସେମାନଙ୍କର ଅନୁଧ୍ୟାନକୁ ସଂପୃକ୍ତ ଗ୍ରାମସଭାମାନଙ୍କୁ ଲିଖିତ ଆକାରରେ ପ୍ରଦାନ କରିବେ :

**ପରନ୍ତୁ,** ଯଦି ଗ୍ରାମସଭାମାନେ ବିବଦମାନ ଦାବୀଗୁଡିକୁ ଫଇସଲା କରିବାରେ ସକ୍ଷମ ନହୁଅନ୍ତି , ତେବେ ଗ୍ରାମସଭାମାନେ ସେସବୁକୁ ଫଇସଲା ପାଇଁ ଉପଖଣ୍ଡ ସ୍ତରୀୟ କମିଟି ନିକଟକୁ ସୂଚୀତ କରିବେ ।

(୪) କୌଣସି ସୂଚନା, ନଥି ବା ଦଲିଲ୍ ପାଇଁ ଯଦି ଗ୍ରାମସଭା ବା ଜଙ୍ଗଲ ଅଧିକାର କମିଟି ଏକ ଲିଖିତ ଅନୁରୋଧ ଜଣାନ୍ତି, ତେବେ ସଂପୃକ୍ତ କର୍ତ୍ତୃପକ୍ଷଗଣ ତହିଁର ଏକ ପ୍ରମାଣୀକୃତ ନକଲକୁ ଯଥାସ୍ଥିତି ଗ୍ରାମସଭା ବା ଜଙ୍ଗଲ ଅଧିକାର କମିଟିକୁ ଯୋଗାଇଦେବେ ଏବଂ ଯଦି ଆବଶ୍ୟକ ପଡେ, ଏକ ପ୍ରାଧିକୃତ ଅଧିକାରୀଙ୍କ ଜରିଆରେ ତହିଁର ସ୍ପଷ୍ଟୀକରଣ ପ୍ରଦାନ କରିବେ ।

## ୧୩. ଜଙ୍ଗଲ ଅଧିକାରସମୂହର ନିର୍ଦ୍ଧାରଣ ପାଇଁ ପ୍ରମାଣ-

(୧) ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି ଏବଂ ନ୍ୟସ୍ତୀକରଣ ପାଇଁ ଆବଶ୍ୟକ ପ୍ରମାଣ ଭିତରେ ଅନ୍ୟାନ୍ୟ ଉପାଦାନ ସହ ନିମ୍ନୋକ୍ତ ଉପାଦାନ ଅନ୍ତର୍ଭୁକ୍ତ ରହିବ -

(ଏ) ସର୍ବସାଧାରଣ ଦଲିଲ୍, ସରକାରୀ ଦଲିଲ୍ ଯଥା ଗେଜେଟ୍, ଜନଗଣନା, ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ ରିପୋର୍ଟସମୂହ, ମାନଚିତ୍ର, ଉପଗ୍ରହ ଛବି, କର୍ମଯୋଜନା, ପରିଚାଳନା ଯୋଜନା, ଅଣୁଯୋଜନା, ଜଙ୍ଗଲ ଅନୁସନ୍ଧାନ ରିପୋର୍ଟସମୂହ, ଅନ୍ୟାନ୍ୟ ଜଙ୍ଗଲ ଦଲିଲ୍, ଯେ କୌଣସି ନାଁରେ ରହିଥିବା ସ୍ୱତ୍ୱଲିପି, ପଟ୍ଟା ବା ଲିଜ୍, ସରକାରଙ୍କ ଦ୍ୱାରା ଗଠିତ କମିଟି ଏବଂ କମିଶନ୍‌ମାନଙ୍କ ରିପୋର୍ଟ ସମୂହ, ସରକାରଙ୍କ ଆଦେଶସମୂହ, ବିଜ୍ଞପ୍ତିସମୂହ, ପରିପତ୍ରସମୂହ (ସର୍କୁଲାର୍), ନିଷ୍ପତ୍ତିସମୂହ ;

(ବି) ସରକାରଙ୍କ ଦ୍ୱାରା ପ୍ରାଧିକୃତ ହୋଇଥିବା ଦଲିଲ୍‌ସମୂହ, ଯଥା ଭୋଟର୍ ପରିଚୟ ପତ୍ର, ରେସନ୍ କାର୍ଡ, ପାସ୍‌ପୋର୍ଟ, ଗୃହଖଜଣା ପାଉତି, ବାସସ୍ଥାନ ପ୍ରମାଣପତ୍ର ;

(ସି) ଭୌତିକ ବୈଶିଷ୍ଟ୍ୟସମୂହ, ଯଥା ଘର, କୁଡିଆ ଏବଂ ଜମିରେ ସମତଳୀକରଣ, ବନ୍ଧ ଓ ଆନିକଟ ଆଦି ସ୍ଥାୟୀ ଉନ୍ନତୀକରଣ କାର୍ଯ୍ୟମାନ ;

(ଡି) ବିଚାରାଳୟର ଆଦେଶ ଏବଂ ରାୟ ସମେତ କଳ୍ପ-ନ୍ୟାୟିକ ଏବଂ ନ୍ୟାୟିକ ଦଲିଲ୍‌ମାନ ;

(ଇ) ଭାରତର ନୃତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଭଳି ବିଶିଷ୍ଟ ସଂସ୍ଥାମାନଙ୍କ ଦ୍ୱାରା କରାଯାଇଥିବା ଗବେଷଣାତ୍ମକ ଅଧ୍ୟୟନସମୂହ ଏବଂ ପ୍ରଥାସିଦ୍ଧ ଆଇନ୍‌ର ବଳ ବହନ କରୁଥିବା ପ୍ରଥା ଓ ପରମ୍ପରାସମୂହର ଲିପିବଦ୍ଧ ବିବରଣୀ, ଯହିଁରେ ଜଙ୍ଗଲ ଅଧିକାରସମୂହକୁ ଭୋଗଦଖଲ କରାଯାଉଥିବାର ଦୃଷ୍ଟାନ୍ତ ଉପଲବ୍‌ଧ ;

(ଏଫ୍) ପୂର୍ବତନ ଗଡଜାତ ରାଜ୍ୟସମୂହ ବା ପ୍ରଦେଶସମୂହ ବା ଏପରି ଅନ୍ୟ ମଧ୍ୟବର୍ତ୍ତୀ ବ୍ୟବସ୍ଥା ସୂତ୍ରରୁ ମିଳିଥିବା ମାନଚିତ୍ର, ସତ୍ତ୍ୱଲିପି, ସୁବିଧାମାନ, ରିହାତିସମୂହ ଏବଂ ଅନୁଗ୍ରହାଦି ସମେତ ଯେ କୌଣସି ଦଲିଲ୍ ;

(ଜି) ପ୍ରାଚୀନତ୍ୱକୁ ସାବ୍ୟସ୍ତ କରୁଥିବା ପାରମ୍ପରିକ ନିର୍ମାଣକୃତି ଯଥା, କୂଅ, ଶ୍ମଶାନ ଭୂଇଁ ଏବଂ ପୂଜାସ୍ଥଳ ;

(ଏଚ୍) ଅତୀତର ଜମିଜମା ଦଲିଲ୍‌ରେ ସୂଚୀତ ବ୍ୟକ୍ତିମାନଙ୍କର ବଂଶଲତାର ଅଂଶବିଶେଷ ବୋଲି ପ୍ରମାଣ ଦେଉଥିବା ବଂଶବୃତ୍ତାନ୍ତ ଅଥବା କୌଣସି ଏକ ଅତୀତ ସମୟରେ ସଂପୃକ୍ତ ଗ୍ରାମରେ ସେହି ବ୍ୟକ୍ତି ବିଧିବଦ୍ଧ ଭାବେ ଅଧିବାସୀ ଥିବାର ସ୍ୱୀକୃତି ବହନ କରିଥିବା ବଂଶବୃତ୍ତାନ୍ତ ;

(ଆଇ) ଦାବୀଦାର୍‌ଙ୍କୁ ଛାଡି ବରିଷ୍ଠ ବ୍ୟକ୍ତିମାନଙ୍କ ଲିଖିତ ବକ୍ତବ୍ୟ ।

(୨) ସମୂହ ଜଙ୍ଗଲ ଅଧିକାର ପାଇଁ ପ୍ରମାଣ ଭିତରେ ଅନ୍ୟାନ୍ୟ ଉପାଦାନ ସହିତ ନିମ୍ନୋକ୍ତ ଉପାଦାନ ଅନ୍ତର୍ଭୁକ୍ତ ହେବ-

(ଏ) ନିସ୍ତାର ଭଳି ଯୌଥ ଅଧିକାରସମୂହ, ତାହା ଯେ କୌଣସି ନାମରେ ପରିଚିତ ଥାଇପାରେ ;

(ବି) ପାରମ୍ପରିକ ଚାରଣ ଭୂମି; ଚେର ଏବଂ ଲଟା, ପଶୁଖାଦ୍ୟ, ଭକ୍ଷଣଯୋଗ୍ୟ ବନ୍ୟ ଫଳ ଏବଂ ଅନ୍ୟାନ୍ୟ ଲଘୁ ବନଜାତ ସାମଗ୍ରୀ; ମାଛଧରା ଅଞ୍ଚଳ; ଜଳସେଚନ ପ୍ରଣାଳୀସମୂହ; ମଣିଷ ବା ଗୃହପାଳିତ ପଶୁଙ୍କ ବ୍ୟବହାର ପାଇଁ ଜଳଉତ୍ସସମୂହ; ଚେରମୂଳି ବୈଦ୍ୟମାନଙ୍କ ଦ୍ୱାରା ଔଷଧୀୟ ଉଦ୍ଭିଦ ସଂଗ୍ରହ ପାଇଁ ଉଦ୍ଦିଷ୍ଟ ଇଲାକାସମୂହ ;

(ସି) ସ୍ଥାନୀୟ ଜନଗୋଷ୍ଠୀଙ୍କ ଦ୍ୱାରା ନିର୍ମିତ ସଂରଚନାସମୂହର ଧ୍ୱଂସାବଶେଷ, ପବିତ୍ର ବୃକ୍ଷ, ତୋଟା ଏବଂ ପୁଷ୍କରିଣୀ ବା ଜଳସ୍ରୋତ-ପ୍ରଭାବିତ ଇଲାକାସମୂହ; ଶବଦାହ ବା ଶ୍ମଶାନ ସ୍ଥଳସମୂହ ;

(୩) ଜଙ୍ଗଲ ଅଧିକାରସମୂହର ନିର୍ଦ୍ଧାରଣ କଲାବେଳେ ଗ୍ରାମସଭା, ଉପଖଣ୍ଡ ସ୍ତରୀୟ କମିଟି ଏବଂ ଜିଲ୍ଲା ସ୍ତରୀୟ କମିଟି ଉଲ୍ଲିଖିତ ପ୍ରମାଣସମୂହ ଭିତରୁ ଏକାଧିକ ପ୍ରମାଣକୁ ବିଚାରକୁ ନେବେ ।

## ୧୪. ଉପଖଣ୍ଡ ସ୍ତରୀୟ କମିଟିକୁ ପ୍ରତିବେଦନ-

(୧) ଗ୍ରାମସଭାର ନିଷ୍ପତ୍ତି ଦ୍ୱାରା କ୍ଷୁବ୍‌ଧ ଯେ କୌଣସି ବ୍ୟକ୍ତି ନିଷ୍ପତ୍ତି ଗ୍ରହଣର ତାରିଖରୁ ଷାଠିଏ ଦିନ ମଧ୍ୟରେ ଉପଖଣ୍ଡ ସ୍ତରୀୟ କମିଟି ନିକଟରେ ପ୍ରତିବେଦନ ଦାଖଲ କରିପାରିବେ ।

(୨) ଉପଖଣ୍ଡ ସ୍ତରୀୟ କମିଟି ଶୁଣାଣି ପାଇଁ ଏକ ତାରିଖ ଧାର୍ଯ୍ୟ କରିବେ ଏବଂ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ତାରିଖର ଅନ୍ତତଃ ୧୫ଦିନ ପୂର୍ବରୁ ପ୍ରତିବେଦକ ଓ ସଂପୃକ୍ତ ଗ୍ରାମସଭାଙ୍କୁ ଲିଖିତ ଭାବେ ତଥା ପ୍ରତିବେଦକଙ୍କ ଗ୍ରାମର ଏକ ସୁବିଧାଜନକ ସର୍ବସାଧାରଣ ସ୍ଥାନରେ ଏକ ବିଜ୍ଞପ୍ତି ଜରିଆରେ ଅବଗତ କରାଇବେ ।

(୩) ଉପଖଣ୍ଡ ସ୍ତରୀୟ କମିଟି ପ୍ରତିବେଦନକୁ ଅନୁମୋଦନ କିମ୍ବା ପ୍ରତ୍ୟାଖ୍ୟାନ କରିପାରନ୍ତି, କିମ୍ବା ଏହାକୁ ପୁନଃବିଚାର କରିବା ପାଇଁ ସଂପୃକ୍ତ ଗ୍ରାମସଭାକୁ ସୂଚୀତ କରିପାରନ୍ତି ।

(୪) ଏପରି ସୂଚନା ପାଇଲା ପରେ ଗ୍ରାମସଭା ତିରିଶ ଦିନ ମଧ୍ୟରେ ଏକ ବୈଠକ ଡକାଇବେ, ପ୍ରତିବେଦକଙ୍କୁ ଶୁଣାଣି କରିବେ, ଏବଂ ସୂଚୀତ ବିଷୟ ଉପରେ ଏକ ନିଷ୍ପତ୍ତି ଗ୍ରହଣ କରିବେ ଏବଂ ଏହାକୁ ଉପଖଣ୍ଡ ସ୍ତରୀୟ କମିଟିକୁ ଅଭିପ୍ରେରଣ କରିବେ ।

(୫) ଉପଖଣ୍ଡ ସ୍ତରୀୟ କମିଟି ଗ୍ରାମସଭାର ପ୍ରସ୍ତାବକୁ ବିଚାର କରିବେ ଏବଂ ଏହାକୁ ଅନିମୋଦନ କରି କିମ୍ବା ପ୍ରତ୍ୟାଖ୍ୟାନ କରି ଯଥୋଚିତ ଆଦେଶ ଜାରି କରିବେ ।

(୬) ବିଚାରାଧିନ ଥିବା ପ୍ରତିବେଦନଗୁଡିକ ପ୍ରତି ବିରୁଦ୍ଧତା ପୋଷଣ ନକରି ଉପଖଣ୍ଡ ସ୍ତରୀୟ କମିଟି ଅନ୍ୟ ଦାବୀଦାରମାନଙ୍କ ଜଙ୍ଗଲ ଉପରେ ସତ୍ତ୍ୱାଧିକାରକୁ ଯାଞ୍ଚ କରିବେ ଏବଂ ମିଳାଇ ଦେଖିବେ ଏବଂ ତହିଁର ନିଷ୍କର୍ଷକୁ ସଂପୃକ୍ତ ଉପଖଣ୍ଡ ଅଧିକାରୀଙ୍କ ମାଧମରେ ଜିଲ୍ଲାସ୍ତରୀୟ କମିଟି ନିକଟରେ ଦାଖଲ କରିବେ ।

(୭) ଯେଉଁସ୍ଥଳେ ଦୁଇ ବା ତଦୁର୍ଦ୍ଧ ଗ୍ରାମସଭାଗୁଡିକ ଭିତରେ ଏକ ବିବାଦ ଉପୁଜିବ, ଏବଂ ଯଦି ସେମାନଙ୍କ ଭିତରୁ କୌଣସି ଏକ ଗ୍ରାମସଭା ଦରଖାସ୍ତ କରିଥାନ୍ତି ନତୁବା ଉପଖଣ୍ଡ ସ୍ତରୀୟ କମିଟି ଚାହିଁଲେ ନିଜ ତରଫରୁ ସେହି ବିବାଦର ମୀମାଂସା ଉଦ୍ଦେଶ୍ୟରେ ସଂପୃକ୍ତ ଗ୍ରାମସଭା ଗୁଡିକର ଏକ ମିଳିତ ବୈଠକ ଡାକିବେ ଏବଂ ୩୦ ଦିନ ସମୟ ମଧ୍ୟରେ ଆପୋଷ ସହମତି ଥାଇ ସେହି ବିବାଦର ଯଦି ସମାଧାନ ନହୁଏ, ତେବେ ଉପଖଣ୍ଡ ସ୍ତରୀୟ କମିଟି ସଂପୃକ୍ତ ଗ୍ରାମସଭାଗୁଡିକୁ ଶୁଣାଣି କରି ସେହି ବିବାଦ ଉପରେ ନିଷ୍ପତ୍ତି ନେବେ ଏବଂ ଯଥୋଚିତ ଆଦେଶ ଜାରି କରିବେ ।

## ୧୫. ଜିଲ୍ଲାସ୍ତରୀୟ କମିଟିକୁ ପ୍ରତିବେଦନ-

(୧) ଉପଖଣ୍ଡ ସ୍ତରୀୟ କମିଟିର ନିଷ୍ପତ୍ତି ଉପରେ କ୍ଷୁବ୍ଧ ହୋଇଥିବା ଯେକୌଣସି ବ୍ୟକ୍ତି ଉପଖଣ୍ଡ ସ୍ତରୀୟ କମିଟି ନିଷ୍ପତ୍ତି ନେବା ତାରିଖ ଠାରୁ ଷାଠିଏ ଦିନ ମଧ୍ୟରେ ଜିଲ୍ଲାସ୍ତରୀୟ କମିଟି ନିକଟରେ ପ୍ରତିବେଦନ ଦାଖଲ କରିପାରିବେ ।

(୨) ଜିଲ୍ଲାସ୍ତରୀୟ କମିଟି ଶୁଣାଣି ପାଇଁ ଏକ ତାରିଖ ଧାର୍ଯ୍ୟ କରିବେ ଏବଂ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ତାରିଖର ଅନ୍ତତଃ ପନ୍ଦର ଦିନ ପୂର୍ବରୁ ପ୍ରତିବେଦକ ଓ ସଂପୃକ୍ତ ଉପଖଣ୍ଡ ସ୍ତରୀୟ କମିଟିଙ୍କୁ ଲିଖିତ ଭାବେ ତଥା ପ୍ରତିବେଦକଙ୍କ ଗ୍ରାମର ଏକ ସୁବିଧାଜନକ ସର୍ବସାଧାରଣ ସ୍ଥାନରେ ଏକ ବିଜ୍ଞପ୍ତି ଜରିଆରେ ଅବଗତ କରାଇବେ ।

(୩) ଜିଲ୍ଲାସ୍ତରୀୟ କମିଟି ପ୍ରତିବେଦନକୁ ଅନୁମୋଦନ କିମ୍ବା ପ୍ରତ୍ୟାଖ୍ୟାନ କରିପାରନ୍ତି କିମ୍ବା ଏହାକୁ ପୁନଃବିଚାର କରିବା ପାଇଁ ଉପଖଣ୍ଡ ସ୍ତରୀୟ କମିଟିକୁ ସୂଚୀତ କରିପାରନ୍ତି ।

(୪) ଏପରି ସୂଚୀତ ହେଲା ପରେ ଉପଖଣ୍ଡ ସ୍ତରୀୟ କମିଟି ପ୍ରତିବେଦକ ଓ ଗ୍ରାମସଭାଙ୍କୁ ଶୁଣାଣି କରିବେ ଏବଂ ସୂଚୀତ ପ୍ରସଙ୍ଗ ଉପରେ ଏକ ନିଷ୍ପତ୍ତି ଗ୍ରହଣ କରିବେ ଏବଂ ଜିଲ୍ଲା ସ୍ତରୀୟ କମିଟିକୁ ଏ ବିଷୟରେ ଅବଗତ କରାଇବେ ।

(୫) ଏହା ପରେ ଜିଲ୍ଲା ସ୍ତରୀୟ କମିଟି ପ୍ରତିବେଦନକୁ ବିଚାର କରିବେ ଏବଂ ଏହାକୁ ଅନୁମୋଦନ କରି କିମ୍ବା ପ୍ରତ୍ୟାଖ୍ୟାନ କରି ଯଥୋଚିତ ଆଦେଶ ଜାରି କରିବେ ।

(୬) ଜିଲ୍ଲା ସ୍ତରୀୟ କମିଟି ସରକାରୀ ଦଲିଲ୍‌ରେ ଆବଶ୍ୟକୀୟ ସଂଶୋଧନ ଉଦ୍ଦେଶ୍ୟରେ ଏକ ବା ଏକାଧିକ ଦାବୀଦାରମାନଙ୍କ ଜଙ୍ଗଲ ଉପରେ ସତ୍ତ୍ୱାଧିକାରର ଦଲିଲ୍‌କୁ ଜିଲ୍ଲାପାଳ ବା ଜିଲ୍ଲା କମିଶନର୍‌ଙ୍କ ନିକଟରେ ଦାଖଲ କରିବେ ।

(୭) ଯଦି କେବେ ଦୁଇ ବା ତଦୁର୍ଦ୍ଧ ଉପଖଣ୍ଡ ସ୍ତରୀୟ କମିଟିଗୁଡିକର ଆଦେଶମାନ ଭିତରେ ଏକ ଅସଂଗତି ଦେଖାଦିଏ, ତେବେ ଜିଲ୍ଲା ସ୍ତରୀୟ କମିଟି ନିଜ ତରଫରୁ ସେହି ଅସଂଗତିର ସମାଧାନ ଉଦ୍ଦେଶ୍ୟରେ ସଂପୃକ୍ତ ଉପଖଣ୍ଡ ସ୍ତରୀୟ କମିଟିଗୁଡିକର ଏକ ମିଳିତ ବୈଠକ ଡାକିବେ ଏବଂ ଆପୋଷ ସହମତି ଭିତ୍ତିରେ ସମାଧାନ ଯଦି ସମ୍ଭବ ନହୁଏ, ତେବେ ଜିଲ୍ଲା ସ୍ତରୀୟ କମିଟି ସଂପୃକ୍ତ ଉପଖଣ୍ଡ ସ୍ତରୀୟ କମିଟିଗୁଡିକୁ ଶୁଣାଣି କରି ସେହି ବିବାଦର ବିଚାର କରିବେ ଏବଂ ଯଥୋଚିତ ଆଦେଶ ଜାରି କରିବେ ।

**ଡଃ ବଚ୍ଚୀତର୍ ସିଂହ, ଯୁଗ୍ମ ସଚ୍ଚୀବ**

ଏଫ୍.ନଂ.୧୭୦୧୪/୦୨/୨୦୦୭-ପି.ସି. ଏଣ୍ଡ୍ ଭି (ଭଲ୍ୟୁମ୍-୭)

**ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ (ଜଙ୍ଗଲ ଉପରେ ଅଧିକାରସମୂହର ସ୍ୱୀକୃତି) ନିୟମାବଳୀ, ୨୦୦୭,**

**ଭାରତ ସରକାର, ଜନଜାତି ବ୍ୟାପାର ମନ୍ତ୍ରଣାଳୟ**

ସଂଲଗ୍ନ ନଥିସଂଖ୍ୟା-୧

[ଦ୍ରଷ୍ଟବ୍ୟ- ନିୟମ ୬(୧)]

# ଫର୍ମ- ଏ

## ଜଙ୍ଗଲ ଜମି ଉପରେ ଅଧିକାରସମୂହ ପାଇଁ ଦାବୀ ଫର୍ମ

[ଦ୍ରଷ୍ଟବ୍ୟ- ନିୟମ ୧୧(୧)(ଏ)]

୧. ଦାବୀଦାର(ଗଣ)ଙ୍କ ନାମ:

୨. ଜୀବନସାଥୀଙ୍କ ନାମ:

୩. ପିତା/ମାତାଙ୍କ ନାମ:

୪. ଠିକଣା:

୫. ଗ୍ରାମ:

୬. ଗ୍ରାମ ପଞ୍ଚାୟତ:

୭. ତହସିଲ୍/ତାଲୁକା:

୮. ଜିଲ୍ଲା:

୯. (ଏ) ଅନୁସୂଚୀତ ଜନଜାତି: ହଁ / ନାହିଁ (ପ୍ରମାଣପତ୍ରର ପ୍ରମାଣୀକୃତ ନକଲ ସଂଲଗ୍ନ କରନ୍ତୁ )

(ବି) ଅନ୍ୟ ପାରମ୍ପରିକ ବନବାସୀ: ହଁ / ନାହିଁ (ଯଦି ଜଣେ ଜୀବନସାଥୀ ଅନୁସୂଚୀତ ଜନଜାତି ହୋଇଥାନ୍ତି ତେବେ ପ୍ରମାଣପତ୍ରର ପ୍ରମାଣୀକୃତ ନକଲ ସଂଲଗ୍ନ କରନ୍ତୁ )

୧୦.ପରିବାରର ଅନ୍ୟ ସଦସ୍ୟମାନଙ୍କ ନାମ (ନାବାଳକ ଏବଂ ନିର୍ଭରଶୀଳ ସାବାଳକଙ୍କ ସମେତ)

**ଜମି ଉପରେ ଦାବୀ କି ପ୍ରକାର:**

୧. କେତେ ପରିମାଣର ଜଙ୍ଗଲ ଜମି ଦଖଲରେ ଅଛି
ଏ) ବାସସ୍ଥାନ ପାଇଁ :
ବି) ନିଜ ଦ୍ୱାରା ଚାଷ ପାଇଁ, ଯଦି ଥାଏ :
[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା ୩(୧)(ଏ)]

୨. ବିବାଦିତ ଜମି, ଯଦି ଥାଏ:
[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା ୩(୧)(ଏଫ୍)]

୩. ପଟ୍ଟା/ ଲିଜ୍/ ଅନୁଦାନ, ଯଦି ମିଳିଥାଏ:
[ ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା ୩(୧)(ଜି) ]

୪. ଯଥାସ୍ଥିତ ଜମିରେ ପୁନଃସଂସ୍ଥାନ ଅଥବା ବିକଳ୍ପ ଜମି, ଯଦି ପ୍ରଯୁଜ୍ୟ :
[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା ୩(୧)(ଏମ୍)]

୫. ଜମି ପାଇଁ କ୍ଷତିପୂରଣ ବିନା କେଉଁ ଜମିରୁ ବିସ୍ଥାପିତ ହୋଇଥିଲେ:
[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା ୪(୮)]

୬. ଜଙ୍ଗଲ ଗ୍ରାମଗୁଡିକରେ ଥିବା ଜମିର ପରିମାଣ, ଯଦି ପ୍ରଯୁଜ୍ୟ :
[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା-୩ (୧) (ଏଚ୍)]

୭. ଅନ୍ୟ କୌଣସି ପାରମ୍ପରିକ ଅଧିକାର, ଯଦି ପ୍ରଯୁଜ୍ୟ :
[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା-୩ (୧) (ଏଲ୍)]

୮. ଦାବୀ ସପକ୍ଷରେ ପ୍ରମାଣ:
(ଦ୍ରଷ୍ଟବ୍ୟ- ନିୟମ-୧୩)

୯. ଅନ୍ୟ କିଛି ତଥ୍ୟ :

**ଦାବୀଦାର(ଗଣ)ଙ୍କ ସ୍ୱାକ୍ଷର/ବୃଦ୍ଧାଙ୍ଗୁଳି ଛାପ**

**ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନଙ୍କ**
**(ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି-ପ୍ରଦାନ) ନିୟମାବଳୀ, ୨୦୦୭,**
**ଭାରତ ସରକାର, ଜନଜାତି ବ୍ୟାପାର ମନ୍ତ୍ରଣାଳୟ**

# ଫର୍ମ-ବି

## ଜନଗୋଷ୍ଠୀ ସ୍ୱତ୍ତ୍ୱାଧିକାର ପାଇଁ ଦାବୀ ସକାଶେ ଉଦ୍ଦିଷ୍ଟ ଫର୍ମ

[ଦ୍ରଷ୍ଟବ୍ୟ- ନିୟମ-୧୧(୧)(ଏ) ଏବଂ (୪)]

**୧. ଦାବୀଦାର(ଗଣ)ଙ୍କ ନାମ:**

**ଏ. ଜଙ୍ଗଲବାସୀ ଅନୁସୂଚୀତ ଜନଜାତି ଗୋଷ୍ଠୀର କି : ହଁ / ନାହିଁ**

**ବି. ଅନ୍ୟ ପାରମ୍ପରିକ ବନବାସୀ ଜନଗୋଷ୍ଠୀର କି : ହଁ / ନାହିଁ**

**୨. ଗ୍ରାମ :**

**୩. ଗ୍ରାମ ପଞ୍ଚାୟତ :**

**୪. ତହସିଲ୍ / ତାଲୁକା :**

**୫. ଜିଲ୍ଲା :**

**ଜନଗୋଷ୍ଠୀ କି ପ୍ରକାର ଅଧିକାର ଭୋଗଦଖଲ କରିଆସୁଥିଲେ :**

୧. ନିସ୍ତାର ଭଳି ଜନଗୋଷ୍ଠୀ ଅଧିକାର, ଯଦି ପ୍ରଯୁଜ୍ୟ ହେଉଥାଏ :

[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା-୩(୧)(ବି)]

୨. ଲଘୁ ବନଜାତ ସାମଗ୍ରୀ ଉପରେ ଅଧିକାରସମୂହ, ଯଦି ପ୍ରଯୁଜ୍ୟ ହେଉଥାଏ:

[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା-୩(୧)(ସି)]

୩. ଜନଗୋଷ୍ଠୀ ଅଧିକାରସମୂହ

ଏ. ବ୍ୟବହାର ବା ସ୍ୱତ୍ତ୍ୱାଧିକାର (ମାଛ, ଜଳାଶୟ), ଯଦି ପ୍ରଯୁଜ୍ୟ ହେଉଥାଏ:

ବି. ଚାରଣ, ଯଦି ପ୍ରଯୁଜ୍ୟ ହେଉଥାଏ:

ସି. ଯାଯାବର ଓ ପଶୁପାଳକମାନଙ୍କ ପାଇଁ ସମ୍ବଳର ପାରମ୍ପରିକ ଉପଯୋଗ, ଯଦି ପ୍ରଯୁଜ୍ୟ ହେଉଥାଏ:

[ଦ୍ରଷ୍ଟବ୍ୟ-ଆଇନ୍‌ର ଧାରା-୩(୧)(ଜି)]

୪. ଆଦିମ ଜନଜାତି ଗୋଷ୍ଠୀସମୂହ ଏବଂ ପ୍ରାକ୍-କୃଷି ଜନଗୋଷ୍ଠୀସମୂହଙ୍କ ପାଇଁ ପ୍ରାକୃତିକ ବାସସ୍ଥଳୀ ଏବଂ ବସତି ପାଇଁ ଯୌଥ ରୟତି ସ୍ୱତ୍ତ୍ୱ, ଯଦି ପ୍ରଯୁଜ୍ୟ ହେଉଥାଏ:

[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା-୩(୧)(କେ)]

୫. ଜୈବ-ବିବିଧତା, ବୌଦ୍ଧିକ ସମ୍ପତ୍ତି ଏବଂ ପାରମ୍ପରିକ ଜ୍ଞାନକୁ ଉପଯୋଗ କରିବାର ଅଧିକାର, ଯଦି ପ୍ରଯୁଜ୍ୟ ହେଉଥାଏ:

[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା-୩(୧)(କେ)]

୬. ଅନ୍ୟାନ୍ୟ ପାରମ୍ପରିକ ଅଧିକାର, ଯଦି ପ୍ରଯୁଜ୍ୟ ହେଉଥାଏ:

[ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା-୩(୧)(ଏଲ୍)]

୭. ଏସବୁ ଦାବୀ ସପକ୍ଷରେ ପ୍ରମାଣ:

(ଦ୍ରଷ୍ଟବ୍ୟ- ନିୟମ-୧୩)

୮. ଅନ୍ୟ କିଛି ସୂଚନା:

**ଦାବୀଦାର(ଗଣ)ଙ୍କ ସ୍ୱାକ୍ଷର/ବୃଦ୍ଧାଙ୍ଗୁଳି ଛାପ**

**ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି-ପ୍ରଦାନ) ନିୟମାବଳୀ, ୨୦୦୭, ଭାରତ ସରକାର, ଜନଜାତି ବ୍ୟାପାର ମନ୍ତ୍ରଣାଳୟ**

ସଂଲଗ୍ନ ନଥିସଂଖ୍ୟା-୨

[ଦ୍ରଷ୍ଟବ୍ୟ- ନିୟମ-୮ (ଏଚ୍) ]

**ଭୋଗଦଖଲରେ ଥିବା ଜଙ୍ଗଲ ଜମି ଉପରେ ସ୍ୱତ୍ତ୍ୱାଧିକାର**

୧. ଜଙ୍ଗଲ ଅଧିକାରସମୂହର ସ୍ୱତ୍ତ୍ୱାଧିକାରୀଙ୍କ ନାମ (ଗୁଡିକ) (ଜୀବନସାଥୀଙ୍କ ସମେତ) :

୨. ପିତା/ମାତାଙ୍କ ନାମ:

୩. ନିର୍ଭରଶୀଳ ବ୍ୟକ୍ତିଗଣଙ୍କ ନାମ:

୪. ଠିକଣା:

୫. ଗ୍ରାମ/ ଗ୍ରାମସଭା:

୬. ଗ୍ରାମ ପଞ୍ଚାୟତ:

୭. ତହସିଲ୍ /ତାଲୁକା:

୮. ଜିଲ୍ଲା :

୯. ଅନୁସୂଚୀତ ଜନଜାତି ନା ଅନ୍ୟ ପାରମ୍ପରିକ ବନବାସୀ:

୧୦. କ୍ଷେତ୍ରଫଳ:

୧୧. ଖସଡା/କମ୍ପାର୍ଟମେଣ୍ଟ ସଂଖ୍ୟା ସମେତ ସୁଦୃଶ୍ୟ ଭୂଚିହ୍ନ ଦ୍ୱାରା ପରିସୀମାର ବର୍ଣ୍ଣନ:

ଆଇନ୍‌ର ଧାରା-୪ ଅନ୍ତର୍ଗତ ଉପଧାରା(୪) ଅନୁଯାୟୀ ଏହି ସ୍ୱତ୍ତ୍ୱାଧିକାର ଉତ୍ତରାଧିକାର ସୂତ୍ରରେ ଦାୟଯୋଗ୍ୟ, କିନ୍ତୁ ଏହାର ସ୍ୱତ୍ତ୍ୱ ପରିବର୍ତ୍ତନ କିମ୍ବା ହସ୍ତାନ୍ତର ହୋଇପାରିବ ନାହିଁ।

ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀ ଏତଦ୍ୱାରା . . . . . . ., (ରାଜ୍ୟର ନାମ) ସରକାରଙ୍କ ପାଇଁ ଏବଂ ତରଫରୁ ଉପରୋକ୍ତ ଜଙ୍ଗଲ ଅଧିକାରସମୂହକୁ କାଏମ୍ କରି ନିଜର ହସ୍ତାକ୍ଷର ପ୍ରଦାନ କରୁଛୁ।

**ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.)/ ଉପ ବନ-ସଂରକ୍ଷକ**
**ଜିଲ୍ଲା ଜନଜାତି କଲ୍ୟାଣ ଅଧିକାରୀ**
**ଜିଲ୍ଲାପାଳ/ ଡେପୁଟି କମିଶନର୍**

**ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ**
**(ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ) ନିୟମାବଳୀ, ୨୦୦୭,**
**ଭାରତ ସରକାର, ଜନଜାତି ବ୍ୟାପାର ମନ୍ତ୍ରଣାଳୟ**

ସଂଲଗ୍ନ ନଥିସଂଖ୍ୟା-୩

[ଦ୍ରଷ୍ଟବ୍ୟ- ନିୟମ-୮ (ଏଚ୍)]

**ଜଙ୍ଗଲ ଉପରେ ଜନଗୋଷ୍ଠୀର ସ୍ୱତ୍ତ୍ୱାଧିକାର**

**୧. ଜନଗୋଷ୍ଠୀ ଜଙ୍ଗଲ ଅଧିକାରସମୂହର ସ୍ୱତ୍ତ୍ୱାଧିକାରୀ(ଗଣ)ଙ୍କ ନାମ(ଗୁଡିକ) :**

୨. ଗ୍ରାମ/ ଗ୍ରାମସଭା:

୩. ଗ୍ରାମ ପଞ୍ଚାୟତ:

୪. ତହସିଲ୍ /ତାଲୁକା:

୫. ଜିଲ୍ଲା :

୬. ଅନୁସୂଚୀତ ଜନଜାତ / ଅନ୍ୟ ପାରମ୍ପରିକ ବନବାସୀ:

୭. ଜନଗୋଷ୍ଠୀଙ୍କ ଅଧିକାରସମୂହ କି ପ୍ରକାରର :

୮. ସର୍ତ୍ତାବଳୀ, ଯଦି ଥାଏ:

୯. ଖସଡା/କମ୍ପାର୍ଟମେଣ୍ଟ ସଂଖ୍ୟା ସମେତ ସୁଦୃଶ୍ୟ ଭୂଚିହ୍ନ ଦ୍ୱାରା ପ୍ରଥାସିଦ୍ଧ ସୀମାରେଖା ସମେତ ପରିସୀମାର ବର୍ଣ୍ଣନ:
ଜନଗୋଷ୍ଠୀ ଜଙ୍ଗଲ ଅଧିକାରରର ସ୍ୱତ୍ତ୍ୱାଧିକାରୀଙ୍କ ନାମ(ସମୂହ) :

୧. . . . . . . . . .
୨. .. . . . . . . . .
୩. . . . . . . . . . . .

ଆମ୍ଭେ ନିମ୍ନ ସାକ୍ଷରକାରୀ ଏତଦ୍ୱାରା . . . . . . ., (ରାଜ୍ୟର ନାମ) ସରକାରଙ୍କ ପାଇଁ ଏବଂ ତରଫରୁ ଉପରୋକ୍ତ ଜନଗୋଷ୍ଠୀ ଜଙ୍ଗଲ ଅଧିକାରସମୂହର ସ୍ୱତ୍ତ୍ୱାଧିକାରୀଙ୍କ ଜଙ୍ଗଲ ଅଧିକାରକୁ ଉପରଲିଖିତ ମତେ କାଏମ୍ କରି ନିଜର ହସ୍ତାକ୍ଷର ପ୍ରଦାନ କରୁଛୁ ।

**ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.)/ ଉପ ବନ-ସଂରକ୍ଷକ**
**ଜିଲ୍ଲା ଜନଜାତି କଲ୍ୟାଣ ଅଧିକାରୀ**
**ଜିଲ୍ଲାପାଳ/ ଡେପୁଟି କମିଶନର୍**

**ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ**
**(ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ) ନିୟମାବଳୀ, ୨୦୦୭,**
**ଭାରତ ସରକାର, ଜନଜାତି ବ୍ୟାପାର ମନ୍ତ୍ରଣାଳୟ**

***(Translated from English by Chitta Behera, 4A Jubilee Tower, Choudhury Bazar, Cuttack-9, PH: 9437577546, Email: chittabehera1@yahoo.co.in , Dt- 8th January, 2009)***